## ୧୦. ରୋଗ ଓ ପୋକ ପରିଚାଳନା ପାଇଁ ଦେଶୀ ପଦ୍ଧତି

- ବୁଟ ଫସଲକୁ ଧନିଆ ସହିତ ମିଶ୍ରିତ ଚାଷ କଲେ, ବୁଟ ଫସଲକୁ ଫଳବିନ୍ଧା ପୋକ ଆକ୍ରମଣ କରିନଥାଏ ।
- ଶୁଖିଲା ନାଗୁଆଁରୀ ପତ୍ର ୧ କେଜି ୧୦୦ କେଜି ଧାନ ସହ ମିଶାଇ ଆବଦ୍ଧ ସ୍ଥାନରେ ରଖିଲେ କୀଟ ସଂକ୍ରମଣ ହୋଇନଥାଏ ।
- ଗୋବର, ୧୦ କି.ଗ୍ରା କୋଚିଲା ମଞ୍ଜି ଗୁଣ୍ଡ ଓ ୨୫ କି.ଗ୍ରା. ପତ୍ରକୁ ଗୋଟିଏ ୧୦ ଫୁଟ X ୩ ଫୁଟ କମ୍ପୋଷ୍ଟ ପିଟ୍‌ରେ ପକାଇ ଭଲକରି ଢାଳି ମାଟି ଘୋଡ଼ାଇ ଦିଆଯାଏ ।



୨ମାସରେ ପ୍ରସ୍ତୁତି ହୋଇଥିବା ଏହି କମ୍ପୋଷ୍ଟରୁ ମାତ୍ର ୫ଗ୍ରାମ ଗଛ ଲଗାଇବା ସମୟରେ ଓ ୪୫ଦିନ ପରେ ଆଉଥରେ ଗଛ ମୂଳରେ ଦେଲେ ଏହାର ଗନ୍ଧରେ ବାଇଗଣ ଫଳ ଓ କାଣ୍ଡବିନ୍ଧା ପୋକ ଦମନ ହୋଇଥାଏ ।

- ବୁଣିବା ପୂର୍ବରୁ କିଛି ସମୟ ବୁଟ ମଞ୍ଜିକୁ କିରୋସିନିରେ ଗୋଳାଇ ଲଗାଇଲେ ଝାଉଁଳା ରୋଗ ହୋଇନଥାଏ ଓ ଭଲ ଗଜା ହୋଇଥାଏ ।
- ଏକର ପ୍ରତି ୨ କି.ଗ୍ରା. ହଳଦୀ, ୮ କି.ଗ୍ରା. ପାଉଁଶକୁ ୨୦୦ ଲିଟର କାଣିରେ ମିଶାଇ ସିଞ୍ଚନ କଲେ ଶୋଷକ ପୋକ (ଜଉ ଓ ପତ୍ର ଡିଆଁ ପୋକ) ନିୟନ୍ତ୍ରଣ ହୋଇଥାଏ ।

ଘୁଷୁରୀ ଖତ ୧.୨ କିଗ୍ରା ପ୍ରତି ୨-୩ ମିଟର ବ୍ୟବଧାନରେ ଗଦା କରି ରଖିଲେ ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକ ହୋଇନଥାଏ ।

- ଲଙ୍କା ସହିତ ଧନିଆ ଓ ରସୁଣର ମିଶ୍ରିତ ଚାଷ କଲେ ଲଙ୍କାର ଝାଉଁଳା ରୋଗ ହୋଇନଥାଏ ।
- ହେକ୍ଟର ପ୍ରତି ୧ ଲିଟର କିରାସିନିରେ ସାବୁନ ମିଶାଇ ସିଞ୍ଚନ କଲେ, ଧାନର ପତ୍ରପୋଡ଼ା ଓ କାଣ୍ଡବିନ୍ଧା ନିରାକରଣ ହୋଇଥାଏ ।
- ୧ଲିଟର ପାଣିରେ ୧୦ ଗ୍ରାମ କଞ୍ଚା ଗୋବର ମିଶାଇ ସିଞ୍ଚନ କଲେ ଧାନର ଜୀବାଣୁ ଜନିତ ପତ୍ରପୋଡ଼ା ରୋଗ ଭଲ ହୁଏ ।

ଲୁହା ପାତ୍ରରେ ଗାଇମୂତକୁ ଏକ ସପ୍ତାହ ରଖି ତାହାକୁ ୬ ଗୁଣ ପାଣି ମିଶାଇ ପତ୍ର ସିଞ୍ଚନ କଲେ ପୋକ ରୋଗ କମ୍ ହୁଏ ।

୧ ଲିଟର ପାଣିରେ ୧୦ ଗ୍ରାମ୍ ହିସାବରେ ନାଲି ଲଙ୍କା ଗୁଣ୍ଡ ମିଶାଇ ଶୋଷକ ପୋକ ଓ ଜଉପୋକ ଦମନ କରାଯାଏ । ଶସ୍ୟଜାତୀୟ ପଦାର୍ଥକୁ ସାଇତି ରଖିବା ପାଇଁ ଶୁଖିଲା ଲଙ୍କା, ହଳଦୀଖଣ୍ଡ ମିଶାଯାଏ ।

- ୪୦୦ ଗ୍ରାମ୍ ଧୂଆଁପତ୍ରକୁ ୬ ଲିଟର ପାଣିରେ ଭିଜାଇ ସାମାନ୍ୟ ଗରମ କରି, ଧୂଆଁ ପତ୍ରକୁ ବାହାର କରି ଛାଣିଦିଅନ୍ତୁ । ୧ ଲିଟର ପାଣିରେ ୧୦୦ ଗ୍ରାମ ସାବୁନ୍ ଗୁଣ୍ଡ କରି ମିଶାଇ ଘାଣ୍ଟନ୍ତୁ । ଉକ୍ତ ମିଶ୍ରଣକୁ ୫ରୁ ୬ଗୁଣ ପାଣିରେ ମିଶାଇ ଗଛ ପତ୍ରରେ ସିଞ୍ଚନ କଲେ ପତ୍ର ଉକୁଣୀ, ଦହିଆ ପୋକ, ସାଁବାଲୁଆ ଇତ୍ୟାଦି ଦାଉରୁ ଫସଲକୁ ରକ୍ଷା କରାଯାଇଥାଏ ।



- ହେଙ୍ଗୁ ଓ ହଳଦୀ ଗୁଣ୍ଡ ଗଛ ମୂଳରେ ଦେଲେ ବାଇଗଣ ଓ ଟମାଟ ଫସଲରେ ଝାଉଁଳା ରୋଗ କମିଯାଏ ।



- ପଞ୍ଚଗବ୍ୟ ପାଞ୍ଚୋଟି ଗୋ ଜାତ୍ ଦ୍ରବ୍ୟ ଯଥା : ଗୋମୂତ୍ର, ଗୋବର, ଘିଅ, ଦୁଗ୍ଧ ଓ ଦହି ସହ ଗୁଡ଼, କଦଳୀ, ନଡ଼ିଆ ଓ ଜଳର ସଠିକ୍ ଅନୁପାତର ଏକ ମିଶ୍ରଣ । ପ୍ରଥମେ ଗୋବର ଓ ଘିଅକୁ ଭଲଭାବେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଛାଡ଼ି ଦିଆଯାଏ । ଏହା ବସିଯିବା ପରେ ଆଉଥରେ ଘଣ୍ଟା ଯାଇ ୧୫ ଦିନ ଯାଏ ଛାଡ଼ି ଦିଆଯାଏ ଏବଂ ଉକ୍ତ ମିଶ୍ରଣରେ ଅନ୍ୟ ସାମଗ୍ରୀ ମିଶ୍ରଣକୁ ମିଶାଇ ଦିଆଯାଏ । ସାଧାରଣତଃ ପଞ୍ଚଗବ୍ୟ ଖୋଲା ମୁହଁଯୁକ୍ତ ମାଟି ପାତ୍ରରେ ସାଇତି ଛାଇରେ ରଖାଯାଏ ।

ପଞ୍ଚଗବ୍ୟକୁ କୀଟନାଶକ ଓ ଅଣୁ ସାର ରୂପେ ପ୍ରୟୋଗ କରାଯିବା ସହ ମଞ୍ଜି ବିଶୋଧନ ନିମନ୍ତେ ମଧ୍ୟ ବ୍ୟବହାର କରାଯାଇପାରିବ ।




**ଅଧିକ ବିବରଣୀ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ ସହିତ ଯୋଗାଯୋଗ କରନ୍ତୁ ।**

# କୃଷି କ୍ଷେତ୍ରରେ ପାରମ୍ପରିକ ଜ୍ଞାନକୌଶଳର ପ୍ରୟୋଗ




ଡ. ସୁମିତା ଆଚାର୍ଯ୍ୟ
ବୈଜ୍ଞାନିକ (ଗୃହ ବିଜ୍ଞାନ)

ଲେଖିକା
ଶ୍ରୀମତୀ ଇପ୍‌ସୀତା ମିଶ୍ର
ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

ସଂପାଦିକା
ଡ. ବିନୀତା ଶତପଥୀ
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର
ଅନୁଗୋଳ

## କୃଷିକ୍ଷେତ୍ରରେ ପାରମ୍ପାରିକ ଜ୍ଞାନକୌଶଳର ପ୍ରୟୋଗ

ଆଗକାଳରେ ଲୋକମାନେ ଶହେ ବର୍ଷରୁ ଅଧିକ ବଞ୍ଚୁଥିଲେ । ସେତେବେଳେ ଲୋକମାନଙ୍କର ଜୀବନ ଯାପନ ଶୈଳୀ ଭିନ୍ନ ଥିଲା । ଏବେ ମଣିଷର ଆୟୁଷ କମିଯାଇଛି ଏବଂ ବିଭିନ୍ନ ସମସ୍ୟା ମଧ୍ୟ ଦେଖାଯାଉଛି । କିନ୍ତୁ ଆମ ରାଜ୍ୟର କଳାହାଣ୍ଡି, ଫୁଲବାଣୀ, କେଉଁଝର ଓ କୋରାପୁଟ ଇତ୍ୟାଦି ଆଦିବାସୀ ଅଧିକୃତ ଅଞ୍ଚଳ ଜିଲ୍ଲାମାନଙ୍କରେ ଚାଷୀମାନଙ୍କର ପାରମ୍ପରିକ ବିଶ୍ୱାସ, ଆର୍ଥିକ ଦୁରାବସ୍ଥା ଓ ଜଳସେଚନର ଅସୁବିଧା ହେତୁ, ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ପାରମ୍ପରିକ ଚାଷ ପଦ୍ଧତି ଅନୁଶୃତ ହେଉଅଛି । ଏଥି ସହିତ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକର ଚାଷ ପଦ୍ଧତି, ସଂରକ୍ଷଣ, ରୋଗପୋକ ପରିଚାଳନା ଆଜି ମଧ୍ୟ ବିଭିନ୍ନ ଦେଶୀୟ ମାଧ୍ୟମରେ ସଫଳରୂପେ କାର୍ଯ୍ୟକାରୀ ହେଉଛି ।

ଏକ ସୁସ୍ଥ ଜଳବାୟୁ, ଉତ୍ପାଦନଶୀଳ ସ୍ଥାୟୀ ମୃତ୍ତିକା ଓ ପରିବେଶ ସଂରକ୍ଷଣର ଲକ୍ଷ୍ୟ ନେଇ ପାରମ୍ପରିକ ଜ୍ଞାନ ଓ କୌଶଳକୁ ବୈଜ୍ଞାନିକମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରାଯାଇପାରିବ । ତେଣୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବ୍ୟବହୃତ ପାରମ୍ପରିକ ତଥା ଦୋୀୟ ଜ୍ୟାନ କୌଶଳକୁ କୃଷକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ଅନୁଗୋଳର ଏହା ଏକ ଅଭିନବ ପ୍ରୟାସ ।

## ଅନୁଗୋଳ ଜିଲ୍ଲାରେ ପ୍ରଚଳିତ ପାରମ୍ପରିକ ପଦ୍ଧତି

### ୧. ଗୋମୂତ୍ର ଦ୍ୱାରା ବିହନ ବିଶୋଧନ

ବିହନ ବିଶୋଧନ ପାଇଁ ଅନେକ ପଦ୍ଧତି ରହିଛି ଯାହାଦ୍ୱାରା ରୋଗ ଓ ପୋକ ନିରାକରଣ କରାଯାଇପାରେ । ସତେଜ ଗୋମୂତ୍ରରେ ବିହନକୁ ଗୋଳାଇ ଛାଇରେ ଶୁଖାଇ ଲଗାଇଲେ, ରୋଗ ଦୂରହେବ ଏବଂ ବିହନ ଭଲ ଗଜା ହେବା ସହିତ ଉଈ ଆକ୍ରମଣରୁ ରକ୍ଷାପାଇଥାଏ ।

### ୨. ସୂର୍ଯ୍ୟମୁଖୀ ମଞ୍ଜିକୁ ସହଜରେ ଗଜା କରିବା ପ୍ରଣାଳୀ

ସୂର୍ଯ୍ୟମୁଖୀ ମଞ୍ଜିର ଉପରିଭାଗ ଟାଣ ହୋଇଥିବାରୁ ଗଜା ହେବାପାଇଁ ଅଧିକ ସମୟ ଦରକାର ହୁଏ । ତେଣୁ ଏହାକୁ ଖଟାଦହି ବା ଚହ୍ଲାରେ ବତୁରାଇ ରଖିଲେ, ଶୀଘ୍ର ଗଜା ହୋଇଥାଏ । ଅଧିକ ମଞ୍ଜି ଗଜା ହେବା ସହିତ ଗଛର ଅଭିବୃଦ୍ଧି ମଧ୍ୟ ଭଲ ହୁଏ ।

### ୩. ଗଛ ଲଗାଇବାର ସଠିକ୍ ସମୟ

କଥାରେ ଅଛି "ଜ୍ୟେଷ୍ଟେ କଦଳୀ ଆଷାଢ଼େ କିଆ, ପୋତ ନପୋତ ହୁଏ ଠିଆ ।" ଏହାର ଅର୍ଥ ଜୁନ୍ ମାସରେ କଦଳୀ ଏବଂ ଜୁଲାଇ ମାସରେ କିଆ ଗଛ ଲଗାଇଲେ ଭଲ ଅମଳ ମିଳିଥାଏ । ତେଣୁ ଚାଷକ୍ଷେତ୍ରରେ ସମୟର ସଠିକ୍ ଉପଯୋଗ ନିତାନ୍ତ ଆବଶ୍ୟକ ।

### ୪. ଅଧିକ ଜହ୍ନି ଅମଳ ପାଇଁ ମହୁର ବ୍ୟବହାର

ଜହ୍ନି ଏକ ପର ପରାଗ ସଂଗମ ଫସଲ, ଅର୍ଥାତ୍ ଏହାର ଫଳଧାରଣ, ମହୁମାଛି ଓ ଅନ୍ୟାନ୍ୟ ସଂଗମ ସାହାଯ୍ୟକାରୀ କୀଟ ଉପରେ ନିର୍ଭରଶୀଳ । ୧୦ ଲିଟର ପାଣିରେ ୧୦୦ମି.ଲି. ମହୁ ମିଶାଇ ଫସଲରେ ସନ୍ଧ୍ୟା ସମୟରେ ସିଞ୍ଚନ କଲେ, ମହୁମାଛି ଓ କୀଟପତଙ୍ଗ ଆକର୍ଷିତ ହୋଇ ଆସିଥାନ୍ତି । ଏହା ଫଳରେ ଅଧିକ ପରାଗଣ ହୋଇ ଫଳ ଉତ୍ପାଦନ ବୃଦ୍ଧି ପାଇଥାଏ ।

### ୫. କଦଳୀ ଗଛର ପରିଚାଳନା

ଗାଁ ଗହଳି ଲୋକମାନେ କହନ୍ତି, "ହାତେ ଚାଖଣ୍ଡେ ପୋଲିବ ଗାତ, ପତର ଖଣ୍ଡକେ ନ ଦେବ ହାତ, ଚାଖଣ୍ଡେ ଛାଡ଼ି ଭାଙ୍ଗିବ ଭଣ୍ଡା," ଏହାର ଅର୍ଥ ୨.୫ ଫୁଟ ଗଭୀର ଗାତରେ କଦଳୀ ଗଛ ଲଗାଇବ ଏବଂ କଦଳୀ ପତ୍ର ନ କାଟି ଏହାର ଭଣ୍ଡାକୁ ୮ ଇଞ୍ଚ ଦୂରତା ରଖି ଭାଙ୍ଗିଲେ ଭଲ ଅମଳ ମିଳିଥାଏ ।

### ୬. ଆମ୍ବ ବଉଳ ଝଡ଼ିବାର ନିରାକରଣ

- ବାୟୋଗ୍ୟାସ୍ ଘୋଳ ଓ ପାଣିକୁ ୧:୧୦ ଅନୁପାତରେ ଆମ୍ବ ଗଛରେ ସିଞ୍ଚନ କଲେ ଗଛରୁ ଫଳ ନଝଡ଼ିବା ସହ ଅଧିକ ଅମଳ ମିଳିଥାଏ ।
- ଆମ୍ବ ବଉଳ ଆସିବା ସମୟରେ ଗଛରୁ ୧ ଫୁଟ ଦୂରତାରେ ଗାତ ଖୋଳି ୩୦ ଭାଗ ଦହି ସହ ୧ ଭାଗ ଲୁଣ ମିଶାଇ ଢଳାଯାଏ । ପ୍ରାୟ ୧ଘଣ୍ଟା ପରେ ଦହି ମାଟିରେ ଶୋଷି ହେବା ପରେ ପାଣି ଢଳାଯାଏ । ଏହିପରି ବାରମ୍ବାର କଲେ ଗଛରୁ ଫୁଲ ଝଡ଼ିବା କମିଯାଏ ।

### ୭. ମୂଷା ଦମନ

ମକା ଗୁଣ୍ଡରେ କିଛି ପରିମାଣରେ ଚିନି, ସିମେଣ୍ଟ ଗୋଳାଇ ମୂଷା ଗାତ ପାଖରେ ରଖିଲେ, ତାକୁ ଖାଇ ପାଣି ପିଇବା ଫଳରେ ମୂଷା ପାକସ୍ଥଳୀରେ ସିମେଣ୍ଟ ଟାଣ ହୋଇଯାଇ ମୂଷା ମରିଯାଇଥାଏ ।

### ୮. ଗୋବର ପାଣିରେ ଦେଶୀଆଳୁ ଗଜା କରିବା

ଓଲୁଅ, ଦେଶୀଆଳୁ ଇତ୍ୟାଦି ବିହନ ଖଣ୍ଡକୁ(୧୫୦ ରୁ ୨୦୦ଗ୍ରାମ୍)ସଜ ଗୋବର ରସରେ ଗୋଳାଇ ବାଲିରେ ପୋତିଲେ ଭଲ ଗଜା ୫-୬ ଦିନରେ ବାହାରେ ଓ ଶତକଡ଼ା ୧୦୦ ଭାଗ ଅଙ୍କୁରୋଦ୍‌ଗମ ହୋଇଥାଏ ।

### ୯. କୀଟ ନିୟନ୍ତ୍ରଣ ପାଇଁ କରଞ୍ଜ ଓ ନିମ୍ବର ବ୍ୟବହାର

- ୧କେଜି କରଞ୍ଜ ପତ୍ର ଓ ଛେଲିକୁ ୫ ଲିଟର ପାଣିରେ ମିଶାଇ ଗରମ ପାଣିରେ ଅଧଘଣ୍ଟା ଫୁଟାଇ, ଏହାରୀ ରସକୁ ଛାଣି ସେଥିରେ ୧୫ ଲିଟର ପାଣି ମିଶାଇ ବୁଟ ଫସଲରେ ସ୍ପ୍ରେ କଲେ ସଂବାଳୁଆ ଦମନ ହୋଇଥାଏ ।ଫୁଲ ଓ ବନ୍ଧାକୋବିରେ ପତ୍ରଖିଆ ପୋକ ଆକ୍ରମଣ ଆରମ୍ଭ ହେଲେ ନିମ୍ବପତ୍ରର ରସକୁ ସ୍ପ୍ରେ କଲେ ପୋକମାନେ ଦମନ ହୋଇଥାନ୍ତି ।




- ନିମ୍ବ ପତ୍ରକୁ ଶୁଖାଇ ତାର ଗୁଣ୍ଡକୁ ମୁଗ ଓ ବିରି ସହ ମିଶାଇ ସଂରକ୍ଷଣ କଲେ ଡାଲି ଜାତୀୟ ଭୃଙ୍ଗ ପୋକ ବହୁମାତ୍ରାରେ କମ୍ ହୁଏ ।



- ୨ କିଗ୍ରା ନିମ୍ବ ମଞ୍ଜିଗୁଣ୍ଡକୁ ପାଣିରେ ରାତିସାରା ବତୁରାଇ ଛଣାଯାଏ । ଏହା ସହ ୧୦ କିଗ୍ରା ସଜ ଗୋବର ଓ ଆବଶ୍ୟକ ଅନୁଯାୟୀ ପାଣି ମିଶାଇ ୧ ଏକର ଜମିରେ ସିଞ୍ଚନ କଲେ ପନିପରିବାର ଫୁଲଝଡ଼ା ବନ୍ଦ ହୋଇଥାଏ ।



- ୨୦ ଲିଟର ଗାଇମୂତ, ୫କିଗ୍ରା ନିମ୍ବ ଏବଂ ତୁଳସୀ ପତ୍ର ପନିପରିବା ଚାଷ କ୍ଷେତରେ ଗାତ କରି ରଖିଲେ ରୋଗ ଓ ପୋକ ଆକ୍ରମଣରୁ ରକ୍ଷା ମିଳିଥାଏ ।